ସୁରକ୍ଷା ଆଇନ୍

# ବନ୍ୟପ୍ରାଣୀ ସଂରକ୍ଷଣ

■ ଡ଼ାଃ ବୀର କିଶୋର ପରିଡ଼ା
ସୂଚନା ଅଧିକାରୀ, ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, କଟକ

ଭଗବାନଙ୍କର ଜୀବଜଗତ ସୃଷ୍ଟିର ରହସ୍ୟ ବିଚିତ୍ର ଅଟେ । ମନୁଷ୍ୟ, ପଶୁପକ୍ଷୀ, ଉଦ୍ଭିଦ ଏବଂ ଚତୁପାର୍ଶ୍ୱରେ ଥିବା ପରିବେଶକୁ ନେଇ ଜୀବଜଗତ ଗଠିତ ହୁଏ । ଏମାନେ ସମସ୍ତେ ପରସ୍ପର ନିର୍ଭରଶୀଳ ଅଟନ୍ତି । ଗୋଟିଏର ବ୍ୟତିରେକରେ ଅନ୍ୟଟିର ବିକାଶରେ ବାଧା ସୃଷ୍ଟି ହୋଇଥାଏ । ଉଦ୍ଭିଦଜଗତ ବାହ୍ୟଜଗତର ପରିବେଶ ନିର୍ମଳ ରଖିବା ସହିତ (ଅଙ୍ଗାରକାମ୍ଳ ଗ୍ରହଣ କରେ) ମାଟିରେ ଜଳଧାରଣ ଶକ୍ତି ବଢ଼ାଇ ଧରାପୃଷ୍ଠ ଥଣ୍ଡା ରଖେ । ପର୍ଯ୍ୟାପ୍ତ ପରିମାଣର ବର୍ଷା ସୃଷ୍ଟି କରାଏ । ମରୁଡ଼ି ଆଶଙ୍କା ଦୂରକରେ । ପାର୍ବତୀୟ ଜଙ୍ଗଲଜାତୀୟ ଔଷଧୀୟ ଚେରମୂଳ, ହରିଡ଼ା, ବାହାଡ଼ା, ଅଁଳା ଇତ୍ୟାଦି ଯୋଗାଇଥାଏ । ଜଙ୍ଗଲରୁ ମିଳୁଥିବା ବାଉଁଶ, ସବାଇଘାସରୁ କାଗଜ ତିଆରି ହୁଏ । ଜଙ୍ଗଲ ହେଉଛି ବନ୍ୟ ପଶୁପକ୍ଷୀଙ୍କର ଏକ ପବିତ୍ର ଆଶ୍ରୟସ୍ଥଳ । ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀମାନେ ସାଧାରଣତଃ ଜଙ୍ଗଲ ବୃଦ୍ଧିରେ ସହାୟକ ହୋଇଥାନ୍ତି । ଉଦାହରଣ - ହରିଡ଼ା, ବାହାଡ଼ା, ଅଁଳା, ଶାଳ ଇତ୍ୟାଦି ଜଙ୍ଗଲୀୟ ଗଛର ମଞ୍ଜିକୁ ବନ୍ୟପ୍ରାଣୀମାନେ ଖାଇଲେ ସେମାନଙ୍କ ପାକସ୍ଥଳୀରେ ଏକ ରାସାୟନିକ ପ୍ରକ୍ରିୟା ଉକ୍ତ ମଞ୍ଜିଗୁଡ଼ିକରେ ହୋଇଥାଏ । ଫଳରେ ଏହା ପ୍ରାଣୀମାନଙ୍କର ଝାଡ଼ାରେ ନିର୍ଗତ ହେଲାପରେ ତାହା ଶିଘ୍ର ଅଙ୍କୁରୋଦ୍‌ଗମ (Germination) ହୋଇ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଏହାଛଡ଼ା ବନ୍ୟ ପଶୁପକ୍ଷୀମାନେ ମରିଯାଇଥିବା ପଚାସଢ଼ା ଦ୍ରବ୍ୟ ଖାଇବା ଦ୍ୱାରା ପରିବେଶ ସୁସ୍ଥ ରହେ । ଜଙ୍ଗଲ ଓ ବନ୍ୟପ୍ରାଣୀମାନଙ୍କର ଏତାଦୃଶ ଉପକାର ଜାଣିଶୁଣି ମଧ୍ୟ ଆମେ ଜଙ୍ଗଲରେ ଥିବା ଗଛ କାଟି ପଦା କରିବା ସହିତ ବନ୍ୟପ୍ରାଣୀ ଶୀକାର ଅବାଧ୍ୟ ଭାବେ କରି ନିଜର କ୍ଷତି ସାଧନ କରୁଛେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଜଙ୍ଗଲ ମଧ୍ୟ ମୃତ୍ତିକା ସଂରକ୍ଷଣରେ ସହାୟକ ହୋଇଥାଏ । ଏହି ଜଙ୍ଗଲର ଅବକ୍ଷୟ ଯୋଗୁଁ ବିଗତ କେତେ ବର୍ଷ ଧରି ଖରାଦିନେ ଯେପରି ନିରୀହ ଲୋକମାନେ ଜଳବାୟୁର ଉତ୍ତାପ ସହିନପାରି ପିମ୍ପୁଡ଼ି ପରି ଛଟପଟ ହୋଇ ଅକାଳରେ ମୃତ୍ୟୁବରଣ କଲେ ତାହା ମାନସ ପଟରୁ ଏପର୍ଯ୍ୟନ୍ତ ଲିଭିନାହିଁ । ଜଙ୍ଗଲ ହେଉଛି ବନ୍ୟଜନ୍ତୁମାନଙ୍କର ଏକ ଶ୍ରେଷ୍ଠ ପବିତ୍ର ଆଶ୍ରୟସ୍ଥଳ । ସେମାନେ ପ୍ରକୃତିର ନିୟମ ପାଳନ କରିବା ସହିତ ଏକ ଶୃଙ୍ଖଳିତ ଜୀବନଯାପନ କରିଥାନ୍ତି ଏବଂ ସ୍ୱାର୍ଥପର ଉଚ୍ଛୃଙ୍ଖଳ ମନୁଷ୍ୟ ସମାଜ ଠାରୁ ଦୂରେଇ ରୁହନ୍ତି । ଭୁବନେଶ୍ୱର ଠାରୁ ଅନତିଦୂର ଅନ୍ଧାରୁଆ ଗ୍ରାମରେ ଘଟିଥିବା ହାତୀଛୁଆର ରହସ୍ୟ ଏକ ଜ୍ୱଳନ୍ତ ଉଦାହରଣ । ହାତୀମାନେ ସେଦିନ ସେମାନଙ୍କର ଶିଶୁ ହାତୀ ଛୁଆଟିକୁ ଏକ ଖାଲ ମଧ୍ୟରେ ରହିଯିବାରୁ ଆଉ ତାଙ୍କ ସାଥିରେ ନେଇ ପାରିନଥିଲେ । ତହିଁ ଆରଦିନ କିଛି ଲୋକ ହାତୀଛୁଆଟିକୁ ରଖିବାକୁ ରାଜି ନ ହେବାରୁ ଲୋକମାନେ ଜଙ୍ଗଲ କର୍ତ୍ତୃପକ୍ଷଙ୍କ ସହାୟତାରେ ସେମାନେ ଆଣିଥିବା ସ୍ଥାନ ନିକଟରେ ହାତୀ ଛୁଆଟିକୁ ଛାଡ଼ି ରାତ୍ରରେ ଜଗିଥିଲେ । ସେହି ରାତ୍ରରେ ପୁଣି ସେହି ଦଳ ହାତୀ ଆସି ମନୁଷ୍ୟ ସଂସ୍ପର୍ଶରେ ଆସିଥିବା ହାତୀଛୁଆଟିକୁ ଶୁଙ୍ଘି ଛାଡ଼ି ଚାଲି ଯାଇଥିଲେ । ଶେଷରେ ନନ୍ଦନକାନନ କର୍ତ୍ତୃପକ୍ଷ ବାଧ୍ୟହୋଇ ହାତୀଛୁଆଟିକୁ ରଖିଲେ । ଏଥିରେ ବନ୍ୟପ୍ରାଣୀମାନେ କିଭଳି ଏ ଦୁର୍ଦ୍ଦକ୍ଷ ମନୁଷ୍ୟ ଜାତି ପ୍ରତି ବିତସ୍ପୃହ ତାହା ଏଥିରୁ ଅନୁମେୟ । ଚଳଚ୍ଚିତ୍ର ଷ୍ଟାର ସଲମନ୍ ଖାଁ ବନ୍ୟପ୍ରାଣୀ ଶୀକାର କରି କିଭଳି ବମ୍ବେରେ ଜେଲ ଗଲେ ତାହା ଉଣାଅଧିକେ ସମସ୍ତେ ଜାଣନ୍ତି । ଏହି ବନ୍ୟଜନ୍ତୁର ଶୀକାର ନିଷେଧ କରିବା ଓ ବନ୍ୟପ୍ରାଣୀର ସୁରକ୍ଷା ପ୍ରଦାନ ପାଇଁ ଯେଉଁ କଠୋର ଆଇନ ପ୍ରଣୟନ କରାଯାଇଛି ଆସନ୍ତୁ ଏଥର ସେ ବିଷୟରେ ଆଲୋଚନା କରିବା ।

ଆଜକୁ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ୟପ୍ରାଣୀମାନେ ଶୀକାର ଜୀବରୂପେ ଆମ ଦେଶରେ ପରିଗଣିତ ହେଉଥିଲେ ଏବଂ ଏହା ପରେ ପରେ ବନ୍ୟପ୍ରାଣୀ ଶୀକାର ନିଷେଧ ଆଇନ ପ୍ରଣୀତ ହେଲା । ଅଧିକନ୍ତୁ, ବହୁ ପୁରାଣ କାଳରୁ ସମ୍ରାଟ ଅଶୋକଙ୍କ ଦ୍ୱାରା ଆମ ଭାରତରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ମୁକ୍ତଭାବେ ବନ୍ୟପ୍ରାଣୀ ଶୀକାର ବନ୍ଦକରିବା ପାଇଁ ଆଇନ ପ୍ରଣୟନ କରାଗଲା । ଭାରତରେ ଇଂରେଜ ଶାସନ ସମୟରେ ମଧ୍ୟ ଏହି ଆଇନ ବଳବତ୍ତର ରହିଥିଲା ।

୧୯୨୭ ମସିହା ଭାରତୀୟ ଜଙ୍ଗଲ ଆଇନ ଅନୁସାରେ ବନ୍ୟପ୍ରାଣୀର ସୁରକ୍ଷା ପାଇଁ ଜଙ୍ଗଲ ବିଭାଗୀୟ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା । ଅପର ପକ୍ଷରେ କେତେକ ଆଇନ ସ୍ଥାନୀୟ ପରିସର ମଧ୍ୟରେ ବିଭିନ୍ନ ପ୍ରାଦେଶିକ ଅଞ୍ଚଳ ଦ୍ୱାରା ପ୍ରଣୟନ କରାଗଲା । ସେଗୁଡ଼ିକ ହେଲା-

(୧) ହାତୀ ସଂରକ୍ଷଣ ଆଇନ ୧୮୯୮
(୨) ଗଣ୍ଡା ସଂରକ୍ଷଣ ଆଇନ ୧୯୦୯
(୩) ବମ୍ବେ ବନ୍ୟପ୍ରାଣୀ ଏବଂ ବନ୍ୟପକ୍ଷୀ ସଂରକ୍ଷଣ ଆଇନ ୧୯୫୧
(୪) ଶୀକାର ଏବଂ ଖେଳ ବନ୍ୟପ୍ରାଣୀ ନିୟନ୍ତ୍ରଣ ଆଇନ (ବିଭିନ୍ନ ପ୍ରାଦେଶିକ ଅଂଚଳର)

ଅଧିକନ୍ତୁ ଅଧିକାଂଶ ଆଇନ ପ୍ରଣୟନ ସୀମିତ ସ୍ଥାନରେ ପ୍ରଚଳନ ବା ଲାଗୁ ହୋଇଥିଲା ଯାହାଫଳରେ ଜାତୀୟ ସ୍ତରରେ କୌଣସି ଲକ୍ଷ ହାସଲ କରିପାରିଲା ନାହିଁ । ବହୁଦିନ ଧରି ବନ୍ୟପ୍ରାଣୀ ନିୟନ୍ତ୍ରଣ, ଜାତୀୟ ପାର୍କର ଶାସନଗତ ପରିଚାଳନା, ସାଙ୍କଚୁରିଜ୍ (Sancturies), ପ୍ରାଣୀମାନଙ୍କର ବାଣିଜ୍ୟଗତ ସୁବିଧା ଇତ୍ୟାଦି ପାଇଁ ବ୍ୟାପକ ଜାତୀୟ ଆଇନ ପ୍ରଣୟନ ପାଇଁ ଉପଲବ୍ଧି ହେଲା । ୧୯୭୨ ମସିହାର ବନ୍ୟପ୍ରାଣୀ ସୁରକ୍ଷା ଆଇନ ପ୍ରଚଳନ ହେବା ଦ୍ୱାରା ଉପରୋକ୍ତ ଲକ୍ଷ୍ୟ ହାସଲରେ ପୂର୍ଣ୍ଣତା ଆଣିଦେଇ ପାରିଥିଲା ।

ଆଜି ଆମ ଦେଶରେ ଏହି Wild Life Protection Act (1972) ଏକ ମୌଳିକ ବନ୍ୟପ୍ରାଣୀ ଆଇନ ପ୍ରଣୟନ ଭାବରେ ଗୃହୀତ ହୋଇଅଛି। ଏହି ନିୟମ ଆମ ଦେଶର ସମସ୍ତ ରାଜ୍ୟରେ (ଜାମ୍ମୁ ଓ କାଶ୍ମୀରକୁ ଛାଡ଼ି) ପ୍ରଚଳନ କରାଯାଇଅଛି। ଜାମ୍ମୁ ଓ କାଶ୍ମୀରରେ ଏହି ନିୟମକୁ ଆଧାର କରି ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ହୋଇଛି।

ନିକଟରେ ବନ୍ୟପ୍ରାଣୀମାନଙ୍କର ବାଣିଜ୍ୟ ନୀତି, ପାରିତୋଷିକ ବ୍ୟବସ୍ଥା, ଚମଡ଼ାର ବିକ୍ରିବଟା ଇତ୍ୟାଦି ଉପରେ ଆଇନ ପ୍ରଣୟନ ପାଇଁ ଏକ ବିଲ୍ ପାର୍ଲ୍ୟାମେଣ୍ଟରେ ପାସ୍ କରାଯାଇଛି।

## ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ (Wild Life Protection Act - 1972)

ବନ୍ୟ ପଶୁପକ୍ଷୀଙ୍କର ନିରାପତ୍ତା ପାଇଁ ଏହି ଆଇନରେ ଯଥେଷ୍ଟ ବ୍ୟବସ୍ଥା କରାଯାଇଅଛି। ୧୯୭୨ ମସିହାରେ ୫୩ତମ ଆଙ୍କ୍ ଅନୁସାରେ, ଉକ୍ତ ଆଇନ ପ୍ରଣୟନ ପାର୍ଲ୍ୟାମେଣ୍ଟ ଦ୍ୱାରା ଗୃହୀତ ହୋଇଅଛି। ଏହି ସୁରକ୍ଷା ଆଇନ କେତେଗୁଡ଼ିଏ ପରିଚ୍ଛେଦ (Chapter) ଓ ଧାରା ବା ଦଫା (Section) ନେଇ ଗଠିତ। ସେଗୁଡ଼ିକ ହେଲା-

ଧାରା-୧ (Section-1) - ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ଉକ୍ତ ଆଇନର ଗ୍ରହଣ ଓ ପ୍ରୟୋଗ।

ଧାରା-୨ ଆଇନ୍‌ରେ ବିଭିନ୍ନ ଶବ୍ଦର ବ୍ୟବହାର ବା ଶିକ୍ଷାଦାନ।

ଧାରା-୩ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦେଶକ ଓ ସହାୟକ ନିର୍ଦ୍ଦେଶକ ନିଯୁକ୍ତି ବ୍ୟବସ୍ଥା।

ଧାରା-୪ ରାଜ୍ୟ ସରକାରଙ୍କ ଦ୍ୱାରା ମୁଖ୍ୟ ବନ୍ୟପ୍ରାଣୀ ଭାରପ୍ରାପ୍ତ ପଦସ୍ଥ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି।

ଧାରା-୫ ମୁଖ୍ୟ ବନ୍ୟପ୍ରାଣୀ ଭାରପ୍ରାପ୍ତ ପଦସ୍ଥ ଅଧିକାରୀ ଠାରୁ ତଳ କର୍ମଚାରୀଙ୍କୁ କ୍ଷମତା ପ୍ରଦାନ।

ଧାରା-୬ ରାଜ୍ୟସ୍ତରରେ ବନ୍ୟପ୍ରାଣୀ ଉପଦେଷ୍ଟା କମିଟି ଗଠନ।

ଧାରା-୭ ଓ ୮ ଉପଦେଷ୍ଟା ବୋର୍ଡ଼ର ସଭା ନିର୍ଘଣ୍ଟ, କର୍ତ୍ତବ୍ୟ ଏବଂ କାର୍ଯ୍ୟବହନ।

**ପରିଚ୍ଛେଦ (Chapter) ୩ -** ବନ୍ୟପ୍ରାଣୀର ଶୀକାର ସମ୍ବନ୍ଧୀୟକୁ ନେଇ ବନ୍ୟପ୍ରାଣୀ ସୁରକ୍ଷା ଆଇନ ପର୍ଯ୍ୟବେସିତ।

ଧାରା-୯ ବନ୍ୟପ୍ରାଣୀ ଶୀକାର ନିଷେଧ ଏବଂ ଆବଶ୍ୟକସ୍ଥଳେ ଶୀକାର କରିବା ପାଇଁ ଲାଇସେନ୍ସ୍ ପ୍ରଦାନ।

ଧାରା-୧୦ ପ୍ରତ୍ୟେକ ଲାଇସେନ୍ସ୍ ପ୍ରାପ୍ତ ବ୍ୟକ୍ତି ପ୍ରାଣୀ ମାରିବା, ଧରିବା କିମ୍ବା ଆହତ (wound) କରିବା ଆଦି ଉପରେ ବିବରଣୀ ପେଠ ଏବଂ ଲାଇସିନ୍ସ୍‌ର କାର୍ଯ୍ୟକାଳ ପୂରିଯିବା ପରେ ଦାଖଲ।

ଧାରା-୧୧ ଯଦି କୌଣସି ବନ୍ୟପ୍ରାଣୀ ମନୁଷ୍ୟ ଜୀବନପ୍ରତି ବିପଦ ସୃଷ୍ଟି କରେ କିମ୍ବା ସଂପୂର୍ଣ୍ଣ ଅକ୍ଷମ ବା ଆରୋଗ୍ୟ ନହେବା ଭଳି ରୋଗ ଦେଖାଦେଇଥାଏ, ତାହେଲେ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ଭାରାପଦସ୍ଥ କର୍ମଚାରୀ ତାଲିକାଭୁକ୍ତ (Schedule) ୧,୨,୩ ବା ୪ ଅନୁସାରେ ପ୍ରାଣୀ ଶୀକାର ପାଇଁ ଅନୁମତି ଦେଇପାରିବେ।

ଧାରା-୧୨ ମୁଖ୍ୟ ବନ୍ୟପ୍ରାଣୀ ଭାରା ପଦସ୍ଥ କର୍ମଚାରୀ ଯଦି କୌଣସି ଗବେଷଣା କାର୍ଯ୍ୟ କିମ୍ବା ଶିକ୍ଷା ନିମିତ୍ତ ବନ୍ୟପ୍ରାଣୀ ଆବଶ୍ୟକ କରିବେ ଏବଂ ଚିଡ଼ିଆଖାନା, ମ୍ୟୁଜିୟମ୍ ପାଇଁ ନମୁନା ଚାହିଁବେ ତେବେ ସେମାନଙ୍କୁ ଶୀକାର କରିବାର କ୍ଷମତା ପ୍ରଦାନ।

ଧାରା-୧୩ ଲାଇସେନ୍ସ୍ ରଦ୍ଦ କରିବା।

ଧାରା-୧୪ ଧାରା-୯ ଏବଂ ଧାରା-୧୩ ଆଦେଶ ବିରୁଦ୍ଧରେ ଅପିଲ୍ କରିବା।

ଧାରା-୧୫ ମାଈ ଓ ସ୍ୱଳ୍ପ ବୟସ୍କ ବନ୍ୟପ୍ରାଣୀ ଶୀକାର ନିଷେଧ।

ଧାରା-୧୬ ରାଜ୍ୟ ସରକାରଙ୍କ ଦ୍ୱାରା ସୀମିତ ବା ଋତୁକାଳୀନ ଶୀକାର ପାଇଁ ଅନୁମତି ପ୍ରଦାନ।

ଧାରା-୧୭ ଲାଇସେନ୍ସ୍ ପ୍ରାପ୍ତ ବ୍ୟକ୍ତିଙ୍କ ଶୀକାର କଟକଣା ବା ସୀମିତ କରିବା।

**ପରିଚ୍ଛେଦ-୪ (Chapter-4) :-** ଏହି ଆଇନ ମାଧ୍ୟମରେ ସାଙ୍କୁରିକ୍ (Sancturies), ଜାତୀୟ ପାର୍କ (National Park), ଖେଳ ରିଜର୍ଭ ଏବଂ ଅବସ୍ଥାନ ଅର୍ନ୍ତଭୁକ୍ତ ଅଟେ।

ଧାରା-୧୮ ସାଙ୍କ୍‌ଚୁରୀ ଘୋଷଣା ନେଇ ରାଜ୍ୟସରକାରଙ୍କୁ କ୍ଷମତା ପ୍ରଦାନ।

ଧାରା-୧୯,୨୦,୨୧,୨୨,୨୩,୨୪,୨୫ ଏବଂ ୨୬ :- ସାଙ୍କ୍‌ଚୁରୀ ଗଠନ (notification) ନେଇ ସଂପୂର୍ଣ୍ଣ କାର୍ଯ୍ୟାବଳୀ (Procedure) ଜିଲ୍ଲାପାଳଙ୍କୁ ସମସ୍ତ ରାଇଟ୍ସ୍ ଏବଂ କ୍ଲେମ୍ ଫଇସଲା କରିବାପାଇଁ କ୍ଷମତା ପ୍ରଦାନ।

ଧାରା-୨୭ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ବିନା ସାଙ୍କ୍‌ଚୁରୀ ମଧ୍ୟରେ ବସତି ସ୍ଥାପନ କରିବାର ନିୟମ।

ଧାରା-୨୮ ସାଙ୍କ୍‌ଚୁରୀ ମଧ୍ୟରେ ଗବେଷଣା, ପାଠପଢ଼ା, ପରିଭ୍ରମଣ ଉଦ୍ଦେଶ୍ୟରେ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ କର୍ମଚାରୀଙ୍କ ଦ୍ୱାରା ଅନୁମତି ପ୍ରଦାନ।

ଧାରା-୨୯ ସାଙ୍କ୍‌ଚୁରୀରେ ଶୀକାର ନିଷେଧ ଆଇନ।

ଧାରା-୩୦ ନିଆଁ ଲଗାଇବା (Kindling fire)।

ଧାରା-୩୧ ଅନଧିକାର ପ୍ରବେଶ।

ଧାରା-୩୨ ସମସ୍ତ ରାସାୟନିକ, ବିସ୍ଫୋରକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର।

ଧାରା-୩୪ ସାଙ୍କ୍‌ଚୁରୀ ପରିଚାଳନା ପାଇଁ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ କର୍ମଚାରୀଙ୍କୁ କ୍ଷମତା ପ୍ରଦାନ।

ଧାରା-୩୫ ଜାତୀୟ ପାର୍କ ପ୍ରତିଷ୍ଠା କରିବା ଏବଂ ଏହାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ।

ଧାରା-୩୬ ସମସ୍ତ ଖେଳ ରିଜର୍ଭର ସୃଷ୍ଟି ବା ସ୍ଥାପନ କରିବା ଏବଂ ଏହାର ସୁପରିଚାଳନା।

ପରିଚ୍ଛେଦ-୫ **(Chapter-5)** :- ସମସ୍ତ ବନ୍ୟପ୍ରାଣୀ ଏବଂ ବନ୍ୟପ୍ରାଣୀ ଜାତ ଦ୍ରବ୍ୟର ବାଣିଜ୍ୟ ନୀତି।

ଧାରା-୩୯ ସମସ୍ତ ବନ୍ୟପ୍ରାଣୀ ଏବଂ ବନ୍ୟପ୍ରାଣୀ ଜାତ ଦ୍ରବ୍ୟର ମାଲିକ ରାଜ୍ୟ ସରକାର ଅଟନ୍ତି।

ଧାରା-୪୦,୪୧ ବନ୍ୟପ୍ରାଣୀ ଅଧିକାରର ରେଜିଷ୍ଟ୍ରେସନ୍ ଏବଂ ଘୋଷଣାପତ୍ର (declaration)

ଧାରା-୪୨ ବନ୍ୟପ୍ରାଣୀ ରଖିବା ପାଇଁ ମାଲିକଙ୍କୁ ସାର୍ଟିଫିକେଟ ପ୍ରଦାନ।

ଧାରା-୪୩ ବିକ୍ରିବଟା, ଦାନ କିମ୍ବା ପ୍ରାଣୀ ବଦଳେଇବା ପାଇଁ ନିୟନ୍ତ୍ରଣ ବ୍ୟବସ୍ଥା।

ଧାରା-୪୪ ଉପରୋକ୍ତ ଆଇଟମ୍‌ର ବାଣିଜ୍ୟ କଟକଣା।

ଧାରା-୪୫ ଲାଇସେନ୍‌ସ୍ ରଦ୍ଦ କରିବା।

ଧାରା-୪୬ ଧାରା-୪୪ ଏବଂ ୪୫ ର ଆଦେଶ ବିରୁଦ୍ଧରେ ଅପିଲ୍।

ଧାରା-୪୭,୪୮ ଓ ୪୯ ବନ୍ୟପ୍ରାଣୀ କ୍ରୟ, ଅଧିକାର ବା ଦଖଲ, ଚମଡ଼ା କ୍ରୟ ଇତ୍ୟାଦି ଉପରେ କଟକଣା।

ପରିଚ୍ଛେଦ-୬ **(Chapter-6)** :- ଅପରାଧ ବାରଣ ଏବଂ ଚିହ୍ନଟ କରିବା।

ଧାରା-୫୦ ଅଭିଯୁକ୍ତକାରୀଙ୍କୁ ଉପଯୁକ୍ତ କର୍ମଚାରୀ ଯଥା - ଫରେଷ୍ଟ କର୍ମଚାରୀ, ପୋଲିସ କର୍ମଚାରୀ (Sub-inspector rank ରୁ ଉର୍ଦ୍ଧ୍ୱ)ଙ୍କ ଦ୍ୱାରା ଗିରଫ ଏବଂ ପରିସର ସରଚ।

ଧାରା-୫୧ ବିରୁଦ୍ଧାଚରଣ କରିବାର ଦଣ୍ଡବିଧାନ।

ଧାରା-୫୨ ବିରୁଦ୍ଧାଚରଣ କରିବାର ପଦକ୍ଷେପ।

ଧାରା-୫୩ ଅନାବଶ୍ୟକୀୟ ଜବତ ପଦାର୍ଥ ଉପରେ ଦଣ୍ଡବିଧାନ।

ଧାରା-୫୪ ବିରୁଦ୍ଧାଚରଣର ଜଟିଳ ସମସ୍ୟା ଉପରେ ଆଇନ ପ୍ରଦାନ।

ଧାରା-୫୫ ରାଜ୍ୟ ସରକାରଙ୍କ କ୍ଷମତାପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଅଭିଯୋଗ ବୋଧଗମ୍ୟ ହେଲେ କୋର୍ଟରେ ବିଚାର ପାଇଁ ଗ୍ରହଣୀୟ

ଧାରା-୫୬ ଗୋଟିଏ ଅପରାଧ ପାଇଁ ୨ଥର ଦଣ୍ଡ କୌଣସି ବ୍ୟକ୍ତି ବିଶେଷରେ ଲାଗୁ ହେବ ନାହିଁ।

ଧାରା-୫୭ ସତ୍ୟତା (presumption) ଧାର୍ଯ୍ୟ କରିବା ପାଇଁ ପଦକ୍ଷେପ।

ଧାରା-୫୮ କମ୍ପାନୀମାନଙ୍କ ଦ୍ୱାରା ଆଇନର ବିରୁଦ୍ଧାଚରଣ।

ଧାରା-୫୯ ଭାରତୀୟ ପିଙ୍ଗଳ କୋର୍ଟ ଅନୁସାରେ ପ୍ରତ୍ୟେକ କର୍ମଚାରୀ ଲୋକମାନଙ୍କର ସେବକ (Public servant) ଭାବେ କାର୍ଯ୍ୟ କରିବା।

ଧାରା-୬୦ ବନ୍ୟଜନ୍ତୁର ସୁରକ୍ଷା ପାଇଁ ସମସ୍ତ ଆଇନର ସୁରକ୍ଷା।

ଧାରା-୬୧ କୌଣସି ତାଲିକାରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ।

ଧାରା-୬୨ କୌଣସି ସ୍ଥାନରେ ଛୋଟ ବନ୍ୟପ୍ରାଣୀ ରଖିବା ପାଇଁ ରାଜ୍ୟସରକାରଙ୍କ ଦ୍ୱାରା ସ୍ଥାନ ସିଦ୍ଧାନ୍ତ।

ଧାରା-୬୩ ବନ୍ୟପ୍ରାଣୀ ସୁରକ୍ଷା ପାଇଁ କେନ୍ଦ୍ର ସରକାର ସମସ୍ତ କାର୍ଯ୍ୟପନ୍ଥା ସମ୍ବନ୍ଧୀୟ ଆଇନ୍ ପାର୍ଲ୍ୟାମେଣ୍ଟ ଗୃହରେ ପାସ୍ କରାଇଲା ପରେ କାର୍ଯ୍ୟକାରୀ କରିବେ।

ଧାରା-୬୪ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ରାଜ୍ୟ ସରକାର ଉପରୋକ୍ତ ଅନୁସାରେ ସମସ୍ତ ପଦକ୍ଷେପ ନେଇପାରିବେ।

ଧାରା-୬୫ ନିକୋବର ଦ୍ୱୀପପୁଞ୍ଜ ଆଦିବାସୀମାନଙ୍କର ଶୀକାର କରିବାର ସୁରକ୍ଷା ପ୍ରଦାନ।

ଧାରା-୬୬ ଦ୍ୱିତୀୟବାର ଅପିଲ୍ କରିବାର ସୁବିଧା।

ତାଲିକା-୧ (Schedule-1) ସମସ୍ତ ସ୍ତନ୍ୟପାୟୀ ପ୍ରାଣୀ, ପକ୍ଷୀ, ଉଭୟଚର, ସରୀସୃପ ଅର୍ନ୍ତଭୁକ୍ତ (ଧାରା-୨, ୮, ୯, ୧୧, ୪୦, ୪୧, ୪୩, ୪୮, ୫୧, ୬୧, ୫୨)

ତାଲିକା-୨ (Schedule-2) ସମସ୍ତ ଖେଳ କସରତ ପାଇଁ ଉଦ୍ଦିଷ୍ଟ ପ୍ରାଣୀ (ଧାରା-୨, ୮, ୯, ୧୦, ୧୧, ୪୦, ୪୧, ୪୩, ୪୮, ୫୧, ୬୧, ୬୨)

ତାଲିକା-୩ (Schedule-3) ଖେଳପାଇଁ ଉଦ୍ଦିଷ୍ଟ ବୃହତ୍ ଜନ୍ତୁ। (ଧାରା-୨, ୮, ୯, ୧୦, ୧୧, ୬୧)

ତାଲିକା-୪ (Schedule-4) ଖେଳପାଇଁ ଉଦ୍ଦିଷ୍ଟ କ୍ଷୁଦ୍ର ପ୍ରାଣୀ (ଧାରା-୨, ୮, ୯, ୧୦, ୧୧, ୬୧)

ତାଲିକା-୫ (Schedule-5) ବିରୁଦ୍ଧାଚରଣ କରିବା (ଧାରା-୨, ୮, ୬୧ ଏବଂ ୬୨)

ବନ୍ୟପ୍ରାଣୀମାନଙ୍କୁ ସୁରକ୍ଷା ଯୋଗାଇ ଦେବାରେ ଆମ ସମସ୍ତଙ୍କର ରହିଛି ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ। ତେଣୁ ଜଙ୍ଗଲ ବିଭାଗର କର୍ମଚାରୀ, ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷାହେବା ସହିତ ନିଷ୍ଠାପର ଉଦ୍ୟମ ଅବ୍ୟାହତ ରହିଲେ ଉଭୟ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସନ୍ତୁଳନ ବଜାୟ ରଖାଯାଇପାରିବା ସଙ୍ଗେ ସଙ୍ଗେ ପରିବେଶ ସୁସ୍ଥ ରହିପାରିବ ଏବଂ ଏ ଦେଶ ତଥା ରାଜ୍ୟ ସୁଖ ସମୃଦ୍ଧିରେ ଭରିଯିବ। ତେଣୁ ଉଭୟ ବନ୍ୟପ୍ରାଣୀ ଓ ଗୃହପାଳିତ ପଶୁପକ୍ଷୀଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ ସହିତ ସେମାନଙ୍କ ପ୍ରତି ନିଷ୍ଠୁରତା ଭାବ ପରିହାର କରିବା ପାଇଁ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା, ଶିକ୍ଷାନୁଷ୍ଠାନ, ଦେବାଳୟ ଏବଂ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ 'ଜୀବେଦୟା' ଏବଂ 'ଜୀବପ୍ରତି ନିଷ୍ଠୁରତା' ଭଳି ଆଜିର ସ୍ଲୋଗାନ୍ ରହିବା ଉଚିତ୍।

❖ ❖ ❖